ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest, Env & Climate Change (OD)/ 211/21-03-2025**

## ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ୨୦୨୫ ପାଳିତ

# ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି 'ଜଙ୍ଗଲ ଓ ଖାଦ୍ୟ' ।

## ଜଙ୍ଗଲ ସମ୍ପଦର ପୋଷଣୀୟ ବ୍ୟବହାର, ପରିବେଶ ଅବକ୍ଷୟ ଓ ପ୍ରଦୂଷଣର ମାତ୍ରା ହ୍ରାସ କରିବା ଦିଗରେ ସଙ୍କଳ୍ପବଦ୍ଧ ଉଦ୍ୟମ ଲୋଡା

: ଜଙ୍ଗଲମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ

ଭୁବନେଶ୍ୱର : ୨୧/୦୩/୨୦୨୫

ଜଙ୍ଗଲ ହିଁ ଜୀବନ । ମାନବ ଜାତି ଓ ସୁସ୍ଥ ପରିବେଶ ପାଇଁ ଜଙ୍ଗଲର ଭୂମିକା ଅନସ୍ୱୀକାର୍ଯ୍ୟ । ଜଙ୍ଗଲ ସମଗ୍ର ବିଶ୍ୱ ପାଇଁ ପ୍ରକୃତିର ଏକ ବରଦାନ । ଜଙ୍ଗଲକୁ ପୃଥିବୀର ଫୁସ୍‌ଫୁସ୍ ବୋଲି କୁହାଯାଏ । କାରଣ ଏସବୁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳକୁ ଅବଶୋଷିତ କରି ବାୟୁକୁ ଶୁଦ୍ଧ କରିବା ସହିତ ଜଳବାୟୁକୁ ସନ୍ତୁଳିତ କରିଥାନ୍ତି । ଜଙ୍ଗଲ କେବଳ ପୃଥିବୀରେ ଜୀବନର ଅସ୍ତିତ୍ୱ ପାଇଁ ଜରୁରୀ ତାହା ନୁହେଁ ଜଳବାୟୁ ପରିବର୍ତ୍ତନ ସହିତ ଲଢ଼ିବା ପାଇଁ ଏସବୁ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଜଙ୍ଗଲ ଯୋଗୁଁ ଆମେ ପ୍ରଦୂଷଣମୁକ୍ତ ବାୟୁ, ଯଥେଷ୍ଟ ବୃଷ୍ଟି, ଖାଦ୍ୟ, ଔଷଧ ଓ ଇନ୍ଧନ ପ୍ରଭୃତି ପାଇଥାଉ । ମନୁଷ୍ୟ ସମାଜ ପାଇଁ ବହୁମୂଲ୍ୟ ଜୈବବିବିଧତାର ମୂଳ ଉତ୍ସ ହେଉଛି ଜଙ୍ଗଲ । ଜଙ୍ଗଲର ଶ୍ରୀବୃଦ୍ଧି ଓ ସମୃଦ୍ଧି ଉପରେ ମାନବ ଜାତିର ଭବିଷ୍ୟତ ନିର୍ଭର କରିଥାଏ । ତେଣୁ ଜଙ୍ଗଲ ସମ୍ପଦର ପୋଷଣୀୟ ବ୍ୟବହାର, ପରିବେଶ ଅବକ୍ଷୟ ଓ ପ୍ରଦୂଷଣର ମାତ୍ରା ହ୍ରାସ କରିବା ଦିଗରେ ସମସ୍ତଙ୍କ ସଙ୍କଳ୍ପବଦ୍ଧ ଉଦ୍ୟମ ଲୋଡା ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ଖୁଣ୍ଟିଆ ଆହ୍ୱାନ ଦେଇଛନ୍ତି ।

ଆଜି ପୂର୍ବାହ୍ନରେ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଲେ ଯେ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଡେରାଡୁନ୍ ଦ୍ୱାରା ଉପଗ୍ରହ ମାଧ୍ୟମରେ ପ୍ରାପ୍ତ ହେଉଥିବା ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ଓଡ଼ିଶା ରାଜ୍ୟର ସମୁଦାୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ପରିମାଣ ୫୨,୪୩୩.୫୬ ବର୍ଗ କି.ମି. ଅଟେ, ଯାହାକି ରାଜ୍ୟର ସମୁଦାୟ ଭୌଗୋଳିକ ଆୟତନର ଶତକଡ଼ା ୩୩.୬୭ ଭାଗ । ଓଡ଼ିଶା ରାଜ୍ୟର ବୃକ୍ଷ ଆଚ୍ଛାଦିତ ଅଞ୍ଚଳର ପରିମାଣ ୬,୧୬୩.୪୫ ବର୍ଗ କି.ମି. ଯାହାକି ରାଜ୍ୟର ସମୁଦାୟ ଭୌଗୋଳିକ ଆୟତନର ଶତକଡ଼ା ୩.୯୫ ଭାଗ । ୨୦୨୩ ମସିହା ଆକଳନ ଅନୁଯାୟୀ ଉଭୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଏବଂ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ୫୫୮.୫୭ ବର୍ଗ କି.ମି. ଅଭିବୃଦ୍ଧି ହୋଇଅଛି । ରାଜ୍ୟର ସମୁଦାୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଏବଂ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଭୌଗୋଳିକ କ୍ଷେତ୍ରଫଳର ୩୭.୬୩ ପ୍ରତିଶତ ଅଟେ ।

ଜଙ୍ଗଲର ପୁନରୁଦ୍ଧାର, ପୁନଃ ସ୍ଥାପନ, ନୂତନ ଜଙ୍ଗଲ ସୃଷ୍ଟି ସହିତ ସ୍ଥାୟୀ ଜଙ୍ଗଲ ପରିଚାଳନା ଉପରେ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବିଭିନ୍ନ ବନୀକରଣ ଯୋଜନାମାନ ପ୍ରଣୟନ କରିଛନ୍ତି । ଏହା ମଧ୍ୟରେ ଅର୍ଥକରୀ ବୃକ୍ଷରୋପଣ, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଲଣ୍ଡା ପାହାଡରେ ବନୀକରଣ, ପଥପାର୍ଶ୍ୱ ବନୀକରଣ, କ୍ଷତିପୁରକ ବନୀକରଣ, ସହରାଞ୍ଚଳ ବନୀକରଣ, ସମୁଦ୍ରତଟ ବନୀକରଣ ଅନ୍ୟତମ । ଚଳିତ ବର୍ଷ ଏହିସବୁ କାର୍ଯ୍ୟକ୍ରମରେ ସମୁଦାୟ ୧.୯୫ କୋଟି ଚାରା ରୋପଣ କରାଯିବା ସହିତ ୨.୩୩ କୋଟି ବୃକ୍ଷ ଚାରା ଜନସାଧାରଣ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ମଧ୍ୟରେ ବିତରଣ କରାଯାଇଅଛି ଏବଂ ୩୦,୭୧୯ ହେକ୍ଟର ପରିମିତ ଅଞ୍ଚଳରେ ବନୀକରଣ କରାଯାଇଅଛି ।

ଏଥିମଧ୍ୟରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୧୫୮୩ ହେକ୍ଟର ଜମିରେ ବନୀକରଣ ମଧ୍ୟ କରାଯାଇଛି । ଭାରତ ସରକାରଙ୍କ ସ୍ୱତନ୍ତ୍ର ଯୋଜନା "ଏକ୍ ପେଡ୍ ମା' କେ ନାମ୍"ରେ ଆମ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫.୬ କୋଟି ବୃକ୍ଷଚାରା ବିଭିନ୍ନ ବିଭାଗ ମାଧ୍ୟମରେ ରୋପଣ କରାଯାଇଅଛି । ଏହାଛଡା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ରିଲିଫ୍ ପାଣ୍ଠିରୁ ପ୍ରାପ୍ତ ଅର୍ଥରାଶିରେ ୧୯ଲକ୍ଷ ତାଳବୃକ୍ଷ ବିଭିନ୍ନ ଜଙ୍ଗଲର ପରିସୀମାରେ ରୋପଣ କରାଯାଇ ବଜ୍ରପାତଜନିତ ପ୍ରାକୃତିକ ଦୁର୍ବିପାକରୁ ଲୋକଙ୍କୁ ରକ୍ଷା କରିବା ନିମନ୍ତେ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଅଛି । ବିଗତ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ନଗର ଓ ପୌରାଞ୍ଚଳରେ ସ୍ୱଚ୍ଛ ସୁନ୍ଦର ସବୁଜିମା ପରିବେଶ ସୃଷ୍ଟି କରିବା ନିମିତ୍ତ ୫.୮୫ ଲକ୍ଷ ବୃକ୍ଷ ଚାରା ରୋପଣ କରାଯାଇଅଛି । ସୁସ୍ଥ ଜୀବନ ଓ ଉପଯୋଗୀ ପରିବେଶ ପାଇଁ ଜାରି ରହିଥିବା ସରକାରୀ ଉଦ୍ୟମ ସହିତ ଜନସାଧାରଣଙ୍କର

ସ୍ୱେଚ୍ଛାକୃତ ସହଯୋଗ ନିତାନ୍ତ ଜରୁରୀ । ବର୍ତ୍ତମାନ ସମୟ ଆସିଛି, ଅବକ୍ଷୟ ଜଙ୍ଗଲର ପୁନରୁଦ୍ଧାର ଓ ପୁନଃସ୍ଥାପନ କରାଯାଇପାରିଲେ  ପରିବେଶ  ସ୍ଥିରତା, ଉତ୍ପାଦନ ବୃଦ୍ଧି ଏବଂ ସୁସ୍ଥ ଭବିଷ୍ୟତ ନିର୍ମାଣ ହୋଇପାରିବ । ରାଜ୍ୟର ସମସ୍ତ ଜନସାଧାରଣ ପ୍ରତ୍ୟେକ ଅନ୍ତତଃ ପାଞ୍ଚ  ଗୋଟି  ବୃକ୍ଷରୋପଣ ଓ ତାହାର ଯତ୍ନ ନେବା ପାଇଁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ  ଆହ୍ୱାନ ଦେଇଥିଲେ ।

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଲେ ଯେ ଆମ ରାଜ୍ୟର ୪୮୦ କିଲୋମିଟର ସୁଦୀର୍ଘ ଉପକୂଳ ଏବେ ବୃଦ୍ଧି ପାଇ ୫୭୬ କିମି ହୋଇଛି । ନିକଟରେ ଋଷିକୁଲ୍ୟା ମୁହାଣକୁ ୭ ଲକ୍ଷ ଓ ଗହୀରମଥାକୁ ୭ ଲକ୍ଷ, ଏହିଭଳି ୧୪ ଲକ୍ଷ ଅଲିଭ ରିଡ଼ଲେ କଇଁଛ ଅଣ୍ଡାଦାନ ପାଇଁ ଆସିବା ରାଜ୍ୟ ଜଙ୍ଗଲ ବିଭାଗ ପାଇଁ ଗର୍ବ ଓ ଗୌରବର ବିଷୟ । ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଶିମିଳିପାଳର ଶ୍ରୀବୃଦ୍ଧି ପାଇଁ ଆମ ଶିମିଳିପାଳ ଯୋଜନା ମାଧ୍ୟମରେ ଅର୍ଥ ରାଶିର ବ୍ୟବସ୍ଥା କରିଛନ୍ତି । ଏହାକୁ ୟୁନେସ୍କୋ ହେରିଟେଜ ସାଇଟ ହିସାବରେ ସ୍ଥାନିତ କରିବା ପାଇଁ ଚିନ୍ତା କରାଯାଉଛି । ଭିତରକନିକା, ଦେବ୍ରିଗଡ ଓ ଦେଓମାଳିର ସୁନାମ ଏଗୁଡ଼ିକୁ ବିଶ୍ୱସ୍ତରୀୟ ଟୁରିଷ୍ଟ ସ୍ଥଳରେ ପରିଣତ କରିବ । ରତ୍ନଗର୍ଭା ଓଡିଶାର ଶିଳ୍ପ ଅଭିବୃଦ୍ଧି ସହ ସନ୍ତୁଳିତ ପରିବେଶ ଓ ପୋଷଣୀୟ ବିକାଶ ଆମ ସମସ୍ତଙ୍କ ଧ୍ୟେୟ ହେବା ଉଚିତ ଏବଂ ମୂଲ୍ୟବାନ ଜଙ୍ଗଲ ସମ୍ପଦର ଯଥୋଚିତ ବ୍ୟବହାର ସହିତ ଏହାର ଅବକ୍ଷୟକୁ ରୋକିବା ଆମର ପରମ କର୍ତ୍ତବ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ ।

ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଶ୍ରୀ ସୁରେଶ ପନ୍ତ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ଶ୍ରୀ ପ୍ରେମ କୁମାର ଝା ବକ୍ତବ୍ୟ ରଖିଥିଲେ । ଶେଷରେ ଡ କେ ମୁରୁଗସେନ୍,  ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

ଜଙ୍ଗଲ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪ଟି ବନଖଣ୍ଡ ଯଥା ବନୀକରଣ ଏବଂ ସବୁଜିକରଣ ପଦକ୍ଷେପ ପାଇଁ ନବରଙ୍ଗପୁର ବନଖଣ୍ଡ, ଜଙ୍ଗଲ ସୁରକ୍ଷା ଏବଂ ସଂରକ୍ଷଣ-କେଉଁଝର ବନଖଣ୍ଡ, ଜୀବିକା ବୃଦ୍ଧି ଏବଂ ସାମୁଦାୟିକ ଅଂଶଗ୍ରହଣ-ବୌଦ୍ଧ ବନଖଣ୍ଡ ଓ ଜଙ୍ଗଲ ପରିଚାଳନାରେ ପ୍ରଯୁକ୍ତିର ବ୍ୟବହାର ପାଇଁ ରାଉରକେଲା ବନଖଣ୍ଡକୁ "ପ୍ରଶଂସାପତ୍ର'' ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଜଙ୍ଗଲ ବିଭାଗରେ ଉଲେଖନୀୟ କାର୍ଯ୍ୟ ପାଇଁ ବନରକ୍ଷୀ, ବନପାଳ ଏବଂ ବନ ରେଞ୍ଜ ଅଧିକାରୀ ପଦର ୪୦ ଜଣ କ୍ଷେତ୍ରୀୟ କର୍ମଚାରୀଙ୍କୁ ରାଜ୍ୟ ବନୀକରଣ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଥିଲା । 'Highlights of Odisha Forestry Sector 2025 ଶୀର୍ଷକ ଏକ ତଥ୍ୟଭିତ୍ତିକ ବାର୍ଷିକ ସଂକଳନ, Google Earth Engine for Forestry Insights from Odisha, Mammals & Birds of Bonai Forest Division ଏବଂ "ବଣାଇଁ ଅଞ୍ଚଳର ପାରମ୍ପରିକ ଉପକରଣ ଏବଂ ତା'ର ବ୍ୟବହାର'' ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଜଙ୍ଗଲ ବିଭାଗ ଦ୍ୱାରା ପ୍ରସ୍ତୁତ ପ୍ରାମାଣିକ ବୃତ୍ତଚିତ୍ର ଆମ ଜଙ୍ଗଲ, ଆମ ଭବିଷ୍ୟତ ପ୍ରଦର୍ଶିତ ହୋଇଥିଲା । ପୂର୍ବରୁ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ଓ ଅନ୍ୟ ଅତିଥିମାନେ ବୁଲି ଦେଖିଥିଲେ ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ